ଗହ୍ମା ପର୍ବ

କୈଳାସ ଚନ୍ଦ୍ର ଜେନା

ଭବ ସଂସାରରୁ ଦୁଷ୍ଟମାନଙ୍କୁ ବିନାଶ ପୂର୍ବକ ସାଧୁ ସନ୍ଥମାନଙ୍କ ପାଳନ ଓ ଧର୍ମ ସଂସ୍ଥାପନ ନିମନ୍ତେ ଭଗବାନ ପ୍ରତି ଯୁଗରେ ଅବତାର ଗ୍ରହଣ କରିଥାନ୍ତି । ଭଗବାନଙ୍କର ଏତାଦୃଶ ଧର୍ମରକ୍ଷା ଓ ସ୍ମୃତି ରକ୍ଷା ନିମନ୍ତେ ପୁଣ୍ୟ ଭୂମି ଭାରତବର୍ଷରେ ସନାତନ ଧର୍ମ ଓ ସଂସ୍କୃତିର ମାନବ ଜାତି ପାଇଁ ଚାକ୍ଷୁସ ପ୍ରମାଣ, ବାର ମାସରେ ତେର ପର୍ବ ପାଳନ କରାଯାଉଛି । ଏହି କିମ୍ବଦନ୍ତୀମାନ ଆମକୁ ଧର୍ମ ରକ୍ଷା ଦିଗରେ ସଚେତନ କରିବା ସହିତ ଆମକୁ ଦିଗ୍‌ଦର୍ଶନ ଦେଉଛି । ପ୍ରତ୍ୟେକ ପର୍ବପର୍ବାଣିରେ କିଛି ନା କିଛି କିମ୍ବଦନ୍ତୀ ଓ ମର୍ମନିହିତ ରହିଛି । ଶ୍ରାବଣ ମାସର ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ବା ପ୍ରଭୁ ବଳଦେବଙ୍କ ଜନ୍ମ ଦିବସ ରୂପେ ଆମ୍ଭେ ପାଳନ କରି ଆସୁଛୁ । ଏହି ଶ୍ରାବଣ ପୂର୍ଣ୍ଣିମା ରାକ୍ଷୀପୂର୍ଣ୍ଣିମା ବା ରକ୍ଷା ବନ୍ଧନ ରୂପେ ପରିଚିତ । କେତେକଙ୍କ ମତରେ ଏହା ସଂସ୍କୃତ ଦିବସ ରୂପେ ପରିଗଣିତ ହେଉଛି । ବିଶେଷକରି ଭାରତ ଏକ କୃଷି ପ୍ରଧାନ ଦେଶ । ଭଗବାନ ବଳରାମ କୃଷିର ପ୍ରତୀକ ହୋଇଥିବାରୁ ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ବା ବଳରାମଙ୍କ ଜନ୍ମ ଦିବସକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ଗହ୍ମାପର୍ବ ଉପଲକ୍ଷେ କୃଷକର ଘରେ ଆନନ୍ଦର ସୀମା ନଥାଏ । ଗୃହକୁ ଲିପା ପୋଛା ପରିଷ୍କାର ପୂର୍ବକ ବିଭିନ୍ନ ପ୍ରକାର ସାଜସଜ୍ଜା ମଧ୍ୟ କରାଯାଇଥାଏ । ପ୍ରତ୍ୟୁଷରୁ କୃଷକର ଘରଣୀ ସ୍ନାନ ଆଦି ସାରି ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠାପଣା ସହ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାଏ । ଏହି ଦିନଟି ଶୁଭ ଦିନ ଦୃଷ୍ଟିରୁ ନବ ବିବାହିତା କନ୍ୟାର ଜ୍ୱାଇଁକୁ ଡାକରା ହେବାର ଆମର ପରମ୍ପରା ଓ ବିଧି ରହିଛି । କୃଷକ ତା'ର ସବୁ ଦିନର ସାଥୀ ଗୋମାତାଙ୍କୁ ସ୍ନାନ କରାଇ ବେକ ଓ ସିଙ୍ଘରେ ପୁଷ୍ପମାଲ୍ୟ ପିନ୍ଧାଇବା ସହିତ ସିନ୍ଦୂର ଚନ୍ଦନ ଆଦି ଲାଗି କରାଇ ପୂଜାର୍ଚ୍ଚନା କରିଥାଏ । ଗୃହରେ ପ୍ରସ୍ତୁତ ହୋଇଥିବା ପିଠାପଣା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଥମେ ଗୋମାତାଙ୍କୁ ଅର୍ପଣ କଲା ପରେ ନିଜେ ଭୋଜନ କରିଥାନ୍ତି ।

ବିଧି ବ୍ୟବସ୍ଥା: ଏକାଦଶ ଶତାବ୍ଦୀର ସ୍ମୃତିକାର ଆଚାର୍ଯ୍ୟ ସତାନନ୍ଦଙ୍କ ଉକ୍ତି ଅନୁଯାୟୀ ଗହ୍ମା ପୂର୍ଣ୍ଣିମା ବଳଦେବଙ୍କ ଜନ୍ମ ପାଇଁ ପ୍ରସିଦ୍ଧ । ଏଣୁ କୃଷିଜୀବୀମାନେ ଏକତ୍ରିତ ହୋଇ କେତେକ ସ୍ଥାନରେ ପାଳନ କରିଥିବାର ନଜିର ରହିଛି । ଗ୍ରାମ ମୁଣ୍ଡରେ ଗହ୍ମା ବେଦୀ କରି ତା' ଉପରେ ବଳଦେବଙ୍କ ଆକୃତି କରି ପୂଜାର୍ଚ୍ଚନା କରିଥାନ୍ତି । ଗୋଟିଏ ବଳଦର ମାଟିସ୍ତୂପ କରି ଏକ ଅଣ୍ଡିରା ବାଛୁରୀକୁ ଡିଆଁଇଥାନ୍ତି । ଏହାକୁ ଗହ୍ମାଡିଆଁ ବୋଲି କୁହାଯାଏ । କାର୍ତ୍ତିକ ମାସର ଶୁକ୍ଳ ଅଷ୍ଟମୀ, ଗୋଷ୍ଠାଷ୍ଟମୀ, ଦୋଳପୂର୍ଣ୍ଣିମା ଓ ଗହ୍ମାପୂର୍ଣ୍ଣିମା ମଧ୍ୟରେ ଗୋମାତାଙ୍କ ପୂଜା ପାଇଁ ଗହ୍ମାପୂର୍ଣ୍ଣିମା ଶ୍ରେଷ୍ଠ ଅଟେ ।

ସଂସ୍କୃତି ଦିବସ– ଏହି ଦିବସଟି ଶ୍ରେଷ୍ଠ ହୋଇଥିବାରୁ ଏହି ଦିବସରେ ମୁନିଋଷିମାନେ ବେଦ ଓ ପୁରାଣ ପଠନ ଆରମ୍ଭ କରିଥିଲେ । ଏଣୁ ଏହି ଦିବସକୁ ସଂସ୍କୃତି ଦିବସ ମଧ୍ୟ କୁହାଯାଇଥାଏ । ଶ୍ରାବଣ ପୂର୍ଣ୍ଣିମାକୁ କେତେକ ଝୁଲଣ ପୂର୍ଣ୍ଣିମା ମଧ୍ୟ କହିଥାନ୍ତି । କାରଣ ଶ୍ରାବଣ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରଭୁଙ୍କର ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଏହି ଯାତ୍ରା ଶ୍ରୀଜଗନ୍ନାଥ ଧାମ ପୁରୀ ଓ ବୃନ୍ଦାବନରେ ବିଶେଷ ପ୍ରସିଦ୍ଧି ଲାଭ କରିଛି ।

ରାକ୍ଷୀ ପୂର୍ଣ୍ଣିମା– ଭବିଷ୍ୟତ ମାଳିକାରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ଭଗବାନ କୃଷ୍ଣଚନ୍ଦ୍ର ଶ୍ରାବଣ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ପାଣ୍ଡବ ଶ୍ରେଷ୍ଠ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ଦିବସରେ ପିତୃପୁରୁଷଙ୍କୁ ତର୍ପଣ କଲେ ପିତୃପୁରୁଷ ତୃପ୍ତି ହୋଇଥାନ୍ତି । ଶୁଦ୍ଧପୂତ ଭାବରେ ବିଷ୍ଣୁମନ୍ତ୍ର ଉଚ୍ଚାରଣ କରି ଡାହାଣ ହାତରେ ରାକ୍ଷୀ ବାନ୍ଧିଲେ ଏକବର୍ଷ

ପର୍ଯ୍ୟନ୍ତ ସମସ୍ତ ବିପଦରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ କରାଯାଇଥାଏ ।

ରାକ୍ଷୀର ମହତ୍ତ୍ୱ– ଭଗବାନ କୃଷ୍ଣ କହିଲେ, ଦୀର୍ଘ ବାର ବର୍ଷ ଧରି ଦେବ ଓ ଦାନବଙ୍କ ଯୁଦ୍ଧ ଲାଗି ରହିଥିଲା । ଦେବତାମାନେ ଅତିଷ୍ଠ ହୋଇପଡିଲେଣି । ସ୍ୱର୍ଗର ରାଜା ଇନ୍ଦ୍ରଦେବ ବ୍ରହ୍ମାଙ୍କ ଅନୁମତି ନେଇ ଯୁଦ୍ଧ କରିବାକୁ ଯିବା ସମୟରେ ଇନ୍ଦ୍ରଙ୍କ ପତ୍ନୀ ସଚ୍ଚୀ ଦେବୀ ବିଷ୍ଣୁଙ୍କ ମନ୍ତ୍ର ଉଚ୍ଚାରଣ କରି ଇନ୍ଦ୍ରଙ୍କ ଡାହାଣ ହସ୍ତରେ ରାକ୍ଷୀ ବାନ୍ଧିଥିଲେ । ସେହି ଯୁଦ୍ଧରେ ଇନ୍ଦ୍ର ଜୟଯୁକ୍ତ ହୋଇଥିଲେ ।

ବଳଦେବଙ୍କ ଜନ୍ମ– ରାଜା ବସୁଦେବଙ୍କ ପ୍ରଥମ ପତ୍ନୀ ହେଉଛନ୍ତି ରୋହିଣୀ । ବସୁଦେବଙ୍କ ଦ୍ୱିତୀୟ ପତ୍ନୀ ହେଉଛନ୍ତି କଂସ ରାଜାର ଭଗ୍ନୀ ଦେବକୀ । ଶୂନ୍ୟବାଣୀ ଶୁଣି କଂସ ରାଜା ଦେବକୀ ଓ ବସୁଦେବଙ୍କୁ ବନ୍ଦୀ ଘରେ ରଖିଲା । ବସୁଦେବଙ୍କ ଅନ୍ତରଙ୍ଗ ବନ୍ଧୁ ନନ୍ଦଙ୍କ ଘରେ ରୋହିଣୀ ବନ୍ଧୁ ପତ୍ନୀ ଭାବରେ ରହିଲେ । ଦେବକୀଙ୍କ ୬ଟି ସନ୍ତାନକୁ କଂସ ମାରିସାରିଥାଏ । ସପ୍ତମ ସନ୍ତାନ ସଂଚାର ହେବା ସମୟରେ ଭଗବାନ କୃଷ୍ଣ ମାତା ଦୁର୍ଗାଦେବୀଙ୍କୁ ସୁମରଣା କଲେ । ଦେବକୀଙ୍କ ସପ୍ତମ ସନ୍ତାନକୁ ରୋହିଣୀଙ୍କ ଗର୍ଭରେ ସ୍ଥାନିତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଶ୍ରାବଣ ପୂର୍ଣମୀରେ ପ୍ରଭୁ ବଳଦେବ ରୋହିଣୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ । ଏଣୁ ପ୍ରତ୍ୟେକ ଭାରତୀୟ ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବା ବଳଦେବଙ୍କ ଜନ୍ମ ଦିବସ ରୂପେ ପାଳନ କରିଥାନ୍ତି ।

ଗଜେନ୍ଦ୍ରପୁର
କଳାଶ୍ରୀ ଗୋପାଳପୁର
ଯାଜପୁର

ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ
ରାଜ୍ୟ ସରକାର ଓ ଆଇସିସିଆର୍ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ସାଂସ୍କୃତିକ ବିକାଶ ସାଙ୍ଗକୁ ବିବିଧ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର ଓ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ (ଇଣ୍ଡିଆନ୍ କାଉନ୍ସିଲ୍ ଫର କଲଚରାଲ ରିଲେସନ୍ସ) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ସଚିବାଳୟରେ ଇଣ୍ଡିଆନ୍ କାଉନ୍ସିଲ୍ ଫର କଲଚରାଲ ରିଲେସନ୍ସ(ଆଇସିସିଆର୍)ର ଉପ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ସାହୁ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଂସ୍କୃତି ବିଭାଗ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଏହି ରାଜିନାମାରେ ସ୍ୱାକ୍ଷର କରିଛନ୍ତି । ସାଂସ୍କୃତିକ ଦଳ ବିନିମୟ, ପ୍ରଦର୍ଶନୀ, ସାହିତ୍ୟିକ କାର୍ଯ୍ୟକ୍ରମ, ଶିଳ୍ପୀ ରହଣି ଇତ୍ୟାଦିରେ ଅଭିବୃଦ୍ଧି ଘଟାଇବା ସହିତ ରାଜ୍ୟରେ ଆନ୍ତର୍ଜାତିକ ସାଂସ୍କୃତିକ ଦଳର ପ୍ରଦର୍ଶନ ନିମନ୍ତେ ପରିବହନ, ପାରିଶ୍ରମିକ ପ୍ରଦାନ ବାବଦରେ ଏହି ରାଜିନାମାରେ ବ୍ୟବସ୍ଥା ରହିଛି । ଅପର ପକ୍ଷରେ ଏପରି କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବେ ବୋଲି କୁହାଯାଇଛି । ଉଭୟଙ୍କ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଏକ ସମୟରେ ବ୍ୟାନର ଓ ଲୋଗୋ ରଖାଯିବା ସହିତ ନିମନ୍ତ୍ରଣ ପତ୍ର ଏବଂ ପ୍ରଚାର ସାମଗ୍ରୀରେ ଆଇସିସିଆର୍ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନାମ ଉଲ୍ଲେଖ ରହିବ । ସମ୍ବଳକୁ ଦୃଷ୍ଟିରେ ରଖି ପାରସ୍ପରିକ ପରାମର୍ଶ ଭିତ୍ତିରେ ଓଡ଼ିଶାର ସାଂସ୍କୃତିକ ଦଳ ବିଦେଶ ଯାଇପାରିବେ । ମୋଟାମୋଟି ଭାବରେ ଓଡ଼ିଶାର ସାଂସ୍କୃତିକ ବିଭବ, ଲୋକସଂସ୍କୃତି ଏବଂ ଲୁପ୍ତପ୍ରାୟ କଳାର ପ୍ରସାର ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଉଭୟ ଆଇସିସିଆର୍ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମିଳିତ ପ୍ରୟାସ ଜାରି ରଖିବେ । ଏହି ରାଜିନାମାର ଅବଧି ଦୁଇ ବର୍ଷ ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ନବୀକରଣ କରାଯାଇ ପାରିବ ।

❖ ❖ ❖